# ICSE 2023 EXAMINATION

# SPECIMEN QUESTION PAPER

## ODIA

## (SECOND LANGUAGE)

---

*Maximum Marks: 80*

*Time allowed: Three hours*

*Answers to this Paper must be written on the paper provided separately.*

*You will not be allowed to write during the first 15 minutes.*

*This time is to be spent in reading the question paper.*

*The time given at the head of this Paper is the time allowed for writing the answers.*

---

***Section A** is compulsory – **All** questions in **Section A** must be answered.*

*Attempt **any four** questions from **Sections B,** answering at least **one** question each from the **two** books you have studied and **any two** other questions from the same books.*

*The intended marks for questions or parts of questions are given in brackets [ ].*

---

### SECTION A

*(Attempt **all** questions from this **Section**.)*

**Question 1**

Write a short composition in **Odia** of approximately **250** words on any **one** of the following topics: [15]

ନିମ୍ନରେ ଦିଆଯାଇଥିବା ବିଷୟ ଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିକ ବିଷୟରେ ପ୍ରାୟ ୨୫୦ ଶବ୍ଦମଧ୍ୟରେ ରଚ୍‌ନାଟିଏ ଲେଖ ।

(i) ସଡ଼କ ଦୁର୍ଘଟଣା ଓ ଏହାର ପ୍ରତିକାର ।

(ii) ବଣଭୋଜି ।

(iii) ଛାତ୍ର ଜୀବନରେ ଶୃଙ୍ଖଳାର ସ୍ଥାନ ।

(iv) "ନାହିଁ ମାମୁ ଠାରୁ କଣା ମାମୁ ଭଲ"- ପ୍ରବାଦର ଅନୁସରଣରେ ନିଜସ୍ୱ ଗଳ୍ପଟିଏ ରଚ୍‌ନା କର ।

(v) ସଂଲଗ୍ନ ଛବିଟିକୁ ଦେଖି ଏହାର ବର୍ଣ୍ଣନା ଦିଅ ଏବଂ ଏହା ତୁମକୁ ଯାହା ସୂଚାଉଛି ତାହାର ଉଲ୍ଲେଖ କର ।



**Question 2**

Write a letter in **Odia** in approximately **120** words on **any one** of the topics given below: [7]

ନିମ୍ନ ଲିଖିତ ବିଷୟମାନଙ୍କ ମଧ୍ୟରୁ ଯେକୌଣସି ଗୋଟିକ ବିଷୟରେ ପ୍ରାୟ ୧୨୦ ଶବ୍ଦମଧ୍ୟରେ ପତ୍ରଟିଏ ଲେଖ ।

(i) ଦେଖିଥିବା ଏକ ଶୈଳନିବାସ ର ବର୍ଣ୍ଣନା କରି ବନ୍ଧୁ ନିକଟକୁ ପତ୍ରଟିଏ ଲେଖ ।

(ii) ତୁମ ବିଦ୍ୟାଳୟରେ ପାନୀୟ ଜଳର ସୁଚାରୁ ବ୍ୟବସ୍ଥା ପାଇଁ ଦାବି କରି ପ୍ରଧାନ ଶିକ୍ଷକଙ୍କ ନିକଟକୁ ପତ୍ରଟିଏ ଲେଖ ।

**Question 3**

Read the passage given below and answer in **Odia** the questions that follow, using your own words as far as possible:

ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢ଼ ଓ ତଳେ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉ  ର ନିଜ ଭାଷାରେ ଦିଅ ।

**ସମ୍ବଲପୁର ର ମା'ସମଲେଇ**

ପଶ୍ଚିମ ଓଡ଼ିଶାର ଭକ୍ତିପୀଠ ମା' ସମଲେଶ୍ୱରୀଙ୍କ ମନ୍ଦିର କହିଲେ ଅତ୍ୟୁକ୍ତି ହେବନାହିଁ । ପୌରାଣିକ ମତବାଦ ଅନୁଯାୟୀ ମା' ସମଲେଶ୍ୱରୀ ଶ୍ରୀଲଙ୍କାରେ ଅବସ୍ଥାପିତ ଥିଲେ, ହନୁମାନଙ୍କ ଦ୍ୱାରା ସମ୍ବଲପୁରକୁ ଅଣାଯାଇଥିଲେ । ଯେତେ ବେଳେ ରଘୁନନ୍ଦନ ମା' ସୀତାଙ୍କୁ ହରାଇ ରାକ୍ଷସ ରାଜ ରାବଣ ସହିତ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଲେ ସେତେବେଳେ ହନୁମାନ ମାତା ସୀତାଙ୍କ ଠାବ କରିବାକୁ ଶ୍ରୀଲଙ୍କା ଯାଇଥିଲେ । ସେଠାରେ ସେ ଜାଣିବାକୁ ପାଇଲେ ଯେ ରାବଣର ଏହି ସୁବର୍ଣ୍ଣ ଲଙ୍କାକୁ ମା' ଲଙ୍କେଶ୍ୱରୀ ଜଗିଛନ୍ତି । ଯେ ପର୍ଯ୍ୟନ୍ତ ରାବଣ ନିଜ ସୁରକ୍ଷା ପାଇଁ ମା' ଲଙ୍କେଶ୍ୱରୀଙ୍କ ଉପରେ ନିର୍ଭରଶୀଳ ସେ ପର୍ଯ୍ୟନ୍ତ ତାଙ୍କୁ କେହି ପରାସ୍ତ କରି ପରିବେ ନାହିଁ ବା ଲଙ୍କାଗଡ଼ର ପତନ ହେବ ନାହିଁ । ହନୁମାନଙ୍କ ଠାରୁ ଏହି ଖବର ପାଇ ପ୍ରଭୁ ରାମ ବିଚଳିତ ହୋଇ ଉଠିଲେ । ପ୍ରଭୁଙ୍କ ମନର କଷ୍ଟକୁ ଦୂର କରିବା ପାଇଁ ହନୁମାନ ଏକ ଯୋଜନା କଲେ ।

ସେ ଅତି ଭକ୍ତିଚି  ରେ ମା' ଲଙ୍କେଶ୍ୱରୀଙ୍କୁ ପୂଜା କଲେ । ଭକ୍ତ ହନୁମାନର ଭକ୍ତିରେ ମା' ଲଙ୍କେଶ୍ୱରୀ ପ୍ରସନ୍ନ ହେଲେ । ମାତ୍ର କୌଣସି ବରଦାନ ଦେଲେ ନାହିଁ । ତେଣୁ ମା'ଙ୍କର ଆଶର୍ବାଦ ପାଇବା ପାଇଁ ହନୁମାନ ନିଜ ଶରୀରର ରକ୍ତ ଦାନ କରିବାକୁ ପ୍ରସ୍ତୁତ ହେବାରୁ ମା' ଉଭାହୋଇ "କି ବର ମାଗୁଛୁ ମାଗ୍" କହିବାରୁ ହନୁମାନ କହିଲେ "ମାତା ଲଙ୍କାପୁରୀ ତ୍ୟାଗ କର , ମୋ କାନ୍ଧରେ ବସ, ମୁଁ ତୁମକୁ ପବିତ୍ର ମହାନଦୀ କୂଳରେ ସ୍ଥାପିତ କରିବି" । ମାଆ ଲଙ୍କାପୁରୀ ତ୍ୟାଗ କଲେ, ହନୁମାନ ମାଆଙ୍କୁ କାନ୍ଧରେ ବସାଇ ମହାନଦୀ କୂଳରେ ଥିବା 'ସମଲ' ବୃକ୍ଷମୂଳେ ଅବସ୍ଥାପିତ କଲେ । ଧୀରେ ଧୀରେ ସେଠାରେ ମା' ଲଙ୍କେଶ୍ୱରୀ ମା' ସମଲେଶ୍ୱରୀ ନାମର ବିଖ୍ୟାତ ହେଲେ ।

(i) ପଶ୍ଚିମ ଓଡ଼ିଶାର ଭକ୍ତିପୀଠ କେଉଁଠାରେ ରହିଛି ? [2]

(ii) ପୌରାଣିକ ମତ ଅନୁସାରେ ମା' ସମଲେଶ୍ୱରୀ କେଉଁଠାରେ କେଉଁ ନାମରେ ପୂଜା ପାଉଥିଲେ ? [2]

(iii) ରାମଚ଼ନ୍ଦ୍ର ବିଚ଼ଳିତ ହୋଇ ଉଠିଲେ କାହିଁକି ? [2]

(iv) ଲଙ୍କେଶ୍ୱରୀ ହନୁମାନଙ୍କୁ ବର ଦେଲେ କାହିଁକି ? [2]

(v) ହନୁମାନ କାହାକୁ ନିଜ କାନ୍ଧରେ ବସାଇ କୁଆଡ଼େ ନେଲେ ? କାହିଁକି ? [2]

**Question 4**

Answer the following according to the instructions given: [8]

ନିର୍ଦ୍ଦେଶ ଅନୁସାରେ ପ୍ରଦ  ପ୍ରଶ୍ନ ଗୁଡ଼ିକର ସଠିକ୍ ଉ  ର ବାଛ ।

(i) ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ :-

ନଭ

(a) ଗଗନ ଓ ଅନ୍ତରୀକ୍ଷ

(b) ଗଗନ ଓ ନକ୍ଷତ୍ର

(c) ନକ୍ଷତ୍ର ଓ ଅର୍ଣ୍ଣବ

(d) ଅର୍ଣ୍ଣବ ଓ ଭାସ୍କର

(ii) ବିପରୀତାର୍ଥକ ଶବ୍ଦ ଲେଖ :-

ପ୍ରତ୍ୟକ୍ଷ

(a) ସମୀପ

(b) ପରୋକ୍ଷ

(c) ନିକଟସ୍ଥ

(d) ଦୀର୍ଘ

(iii) ଅର୍ଥ ବୁଝାଇ ଦିଅ :

"କଳା କନା ବୁଲାଇବା"

(a) ସର୍ବସ୍ୱ ଲୁଟିନେବା ।

(b) ସବୁ ଧ୍ୱଂସ କରିବା ।

(c) ସବୁ ବର୍ବାଦ କରିବା ।

(d) ସବୁ ଖାଇ ଦେବା ।

(iv) ଏକ ପଦରେ ପ୍ରକାଶ କର :

"ଉପକାର ସ୍ୱୀକାର କରେ ଯେ"

(a) ଉପକୃତ

(b) କୃତଘ୍ନ

(c) କୃତଜ୍ଞ

(d) ଋଣୀ

(v) ଭ୍ରମ ସଂଶୋଧନ କର :-

ସ୍ୱୋପ

(a) ସପ୍ନ

(b) ସୌପ

(c) ସ୍ୱୋପ

(d) ସ୍ୱପ୍ନ

(vi) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ :-

ଶିଖି – ଶିଖୀ

(a) ମୟୂର – ଶିକ୍ଷା

(b) ପର୍ବତ – ଶିକ୍ଷା

(c) ଶିକ୍ଷା - ଦୀକ୍ଷା

(d) ଶିଖିବା ଅର୍ଥରେ – ମୟୂର

(vii) ନିମ୍ନ ରେ ଦଆଯାଇଥିବା ଶବ୍ଦ ର ଦୁଇଟି ଭିନ୍ନ ଅର୍ଥ ଲେଖ:-

'ଧାର'

(a) ଖଜଣା, ଟଙ୍କା ।

(b) କର, ପାଣି ଧାର ।

(c) ସ୍ରୋତ, କରଜ ।

(d) ଧାରୁଆ, ମୂନିଆ ।

(viii) ଶୁଦ୍ଧ ବାକ୍ୟ ଟିକୁ ବାଛ :-

(a) ଟାଣ ଖରା ହୁଏ ଜ୍ୟେଷ୍ଠ ମାସରେ ।

(b) ଖରା ଟାଣ ହୁଏ ଜ୍ୟେଷ୍ଠ ମାସରେ ।

(c) ଜ୍ୟେଷ୍ଠ ମାସରେ ଟାଣ ଖରା ହୁଏ ।

(d) ହୁଏ ଖରା ଟାଣ ଜ୍ୟେଷ୍ଠ ମାସରେ ।

## SECTION B

*(Attempt **four** questions from this **Section**.)*

*(You must answer at least **one** question from each of the **two** books you have studied and **any two** other questions.)*

### ଜ୍ଞାନାଞ୍ଜଳି - (ଗଳ୍ପ ବିଭାଗ )

### Gyananjali – (Short Stories)

**Question 5**

Read the extract given below and answer in **Odia** the questions that follow:

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉ  ର ଓଡ଼ିଆରେ ଲେଖ ।)

ସେଦିନ ଭୋର ରୁ ସେ ଏକ ଅଦ୍ଭୁତ ଶିକାର ନେଇ ଡ଼େପୁଟି କମିଶନର ବଙ୍ଗଳା ପାଖରେ ହାଜର ।

*ଶିକାର (ଭଗବତୀ ଚରଣ ପାଣିଗ୍ରାହୀ)*

(i) "ସେ" କହିରେ ଏଠାରେ କିଏ ? ତା'ର ପରିଚୟ ଦିଅ । [2]

(ii) ଘିନୁଆ ଡ଼େପୁଟି କମିଶନରଙ୍କ ବଙ୍ଗଳା କୁ ଯାଇଥିଲା କାହିଁକି ? [2]

(iii) ଡେ଼ପୁଟି କମିଶନର ଘିନୁଆ କୁ କିପରି ପୁରସ୍କୃତ କଲେ ? [3]

(iv) ଘିନୁଆ ଅଦ୍ଭୂପର ଝପଟ ସିଂ ଓ ଗୋବିନ୍ଦ ମାର୍ଦ୍ଦାର ଭିନ୍ନ ଥିଲେ କିପରି ? [3]

**Question 6**

Read the extract given below and answer in **Odia** the questions that follow:

**(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉ ର ଓଡ଼ିଆରେ ଲେଖ ।)**

> ସେହି ପୂର୍ବର ନୀଳ ମାଷ୍ଟରାଣୀ ଓ ଏବେର ନୀଳ ଧୋବଣୀ ମଇଳା ଲୁଗା ଭିତରେ ପଡ଼ିରହି କ'ଣ ଭାବୁ ଭାବୁ ବେଳ ବୁଡ଼ି ରାତି ହେଲା ।

*ନୀଳ ମାଷ୍ଟରାଣୀ (ଗୋଦାବରୀଶ ମହାପାତ୍ର)*

(i) ନୀଳ କିଏ ? [2]

(ii) ଲୋକେ ତାକୁ ମାଷ୍ଟରାଣୀ ଡ଼ାକିଲେ କାହିଁକି ? [2]

(iii) ନୀଳ ଧୋବଣୀ ହେଲା କିପରି ? [3]

(iv) ଲୋକେ କାହିଁକି ଭାବିଲେ ଯେ ନୀଳ ମାଷ୍ଟରାଣୀ ଆହୁରି ଧୋବଣୀ ହୋଇ ପାରିନାହିଁ ? [3]

**Question 7**

Read the extract given below and answer in **Odia** the questions that follow:

**(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉ ର ଓଡ଼ିଆରେ ଲେଖ ।)**

> ଏମାନଙ୍କ ପାଇଁ ଦିନ ନାହିଁ, ରାତି ନାହିଁ, ଝଡ଼ ନାହିଁ, ବର୍ଷା ନାହିଁ । ବିନ୍‌ଦିଆ ଆଉ କିଛି ନକହି କୁଡ଼ିଆର ଗୋଟେ କୋଣରୁ କେଇ ଖଣ୍ଡ ବିଡ଼ି କାଢ଼ି ନରେନ୍ଦ୍ର ହାତକୁ ବଢାଇ ଦେଲା ।

*ନୟନପୁର ଏକ୍ସପ୍ରେସ୍ (ସୁରେନ୍ଦ୍ର ମହାନ୍ତି)*

(i) ନରେନ୍ଦ୍ର କିଏ ? ସେ ସେତେବେଳେ କେଉଁଠାରେ ଥିଲା ? [2]

(ii) ବିନ୍‌ଦିଆ କିଏ ? ସେ ନରେନ୍ଦ୍ର ହାତକୁ କ'ଣ ଦଢ଼ାଇ ଦେଲା ? [2]

(iii) ବିନ୍‌ଦିଆ ନରେନ୍ଦ୍ର କୁ ଏପରି ଅସମୟରେ ଦେଖି ବିସ୍ମିତ ହେଲା ନାହିଁ କାହିଁକି ? [3]

(iv) ନୟନପୁର ଏକ୍ସପ୍ରେସ୍ ସହିତ ନରେନ୍ଦ୍ର ର କେଉଁ ସମ୍ପର୍କ ଥିଲା ? [3]

## ଜ୍ଞାନାଞ୍ଜଳି - କବିତା ବିଭାଗ

## Gyananjali -(Poems)

**Question 8**

Read the extract given below and answer in **Odia** the questions that follow:

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉ   ର ଓଡ଼ିଆରେ ଲେଖ  ।)

ପର ଉପକାର ପୁଣ୍ୟମୟ ବ୍ରତ
ପାଳନ୍ତି ମହତ ଜନ
ଉର୍ବୀ, ଦିବାକର ପର ଉପକାରେ
ଦିଅନ୍ତି ଶସ୍ୟ କିରଣ  ।

*ମହିମା (ଗଙ୍ଗାଧର ମେହେର)*

(i) ମହତ ଜନ କିଏ ? [2]

(ii) ଦିବାକର ମହତ କିପରି ? [2]

(iii) ପାନ୍ଥତରୁ କୁ ମହତ କୁହାଯାଇଛି କାହିଁକି ? [3]

(iv) ଚନ୍ଦ୍ରଦୀପ ଠାରୁ କେଉଁ ଶିକ୍ଷା ମିଳେ ? [3]

**Question 9**

Read the extract given below and answer in **Odia** the questions that follow:

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉ   ର ଓଡ଼ିଆରେ ଲେଖ  ।)

ମୋତେ ତିନିଦିନ ଗସ୍ତ ରେ ଆସି
ଗାଆଁ ଛାଡ଼ି ଖାଲି  ସହରରେ ପଶି
ଖସି ଚାଲିଗଲ, ଏଭଳି ଗସ୍ତ
ଆଉଥରେ ଯେବେ କର
ଜାଣିଥା ହୋଇବ ନିଆଁ ଖୁ  । ରେ
ତୁମେ ବଡ଼ ହରବର  ।

*ଗରିବର ଦୁର୍ଗାସ୍ତବ (ଗୋଦାବରୀଶ ମହାପାତ୍ର)*

(i) ଉକ୍ତ ବକ୍ତବ୍ୟଟି କାହାର ? କାହାପ୍ରତି ଉଦ୍ଦିଷ୍ଟ ? [2]

(ii) କିଏ କେଉଁ ଠାକୁ କେତେ ଦିନ ପାଇଁ ଗସ୍ତ ରେ ଆସିଥିଲେ ? [2]

(iii) "ନିଆଁ ଖୁ ।" କ'ଣ ? କବି ଏହାର ଧମକ କାହାକୁ ଦେଇଛନ୍ତି ? [3]

(iv) ମାଆ ମଫସଲ ଗଲେ ନାହିଁ କାହିଁକି ? କବି ତାଙ୍କୁ ମନ୍ତ୍ରୀଙ୍କ ସହିତ ତୁଳନା କରିବାର କାରଣ କ'ଣ ? [3]

**Question 10**

Read the extract given below and answer in **Odia** the questions that follow:

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉ ର ଓଡ଼ିଆରେ ଲେଖ ।)

ପ୍ରିୟଜନ ପ୍ରିୟ ସ୍ଥାନ ମୁଁ ଛାଡ଼ି ବନ୍ଦୀ ଏଠାରେ,
ବିରହ ବିଶମ ରଙ୍ଗେ ମୋ ମନ-ପରାଣ ଘାରେ ।
ବିଶ୍ୱ ପ୍ରକୃତିରେ ଦେଖିଲେ ସମ ହୃଦ ବେଦନା,
ତାପିତ ଅନ୍ତରେ ଆସିବ ଅବା କ୍ଷଣେ ସାନ୍ତ୍ୱନା ।

*ବନ୍ଦୀର ବିରହ ବ୍ୟଥା (ଉତ୍କଳମଣି ଗୋପବନ୍ଧୁ ଦାସ)*

(i) ଉକ୍ତ କବିତାଟି ଗୋପବନ୍ଧୁ ଦାସ କେଉଁଠାରେ ଲେଖିଛନ୍ତି ? ଏହା କେଉଁଠାରୁ ଗୃହୀତ ? [2]

(ii) କବିଙ୍କ ମନ ପ୍ରାଣ କେଉଁ ଦୁଃଖରେ ଘାରି ହେଉଥିଲା ? [2]

(iii) ତାପିତ ହୃଦୟ କେତେବେଳେ ଲୋକଙ୍କ ସାନ୍ତ୍ୱନା ଲାଭ କରେ ? କିପରି ? [3]

(iv) କବିଙ୍କ ବିଦାୟ କାଳିନ ଦୃଶ୍ୟର ବର୍ଣ୍ଣନା ଦିଅ । [3]

## ଅଦୂର ସକାଳ – ଉପନ୍ୟାସ

## Adoora Sakala – Uppnyak

## Prashant Mohanty (ପ୍ରଶାନ୍ତ ମହାନ୍ତି)

**Question 11**

Read the extract given below and answer in **Odia** the questions that follow:

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉ ର ଓଡ଼ିଆରେ ଲେଖ ।)

ଅଶାନ୍ତି, ଅଶ୍ୱସ୍ତିର ଆତ୍ମ ଦାହ ଭିତରେ ଦିନେ ହଠାତ୍ ସିଦ୍ଧାନ୍ତ ନିଏ – ସେ ଆଉ କାଶିଆକୁ ଭେଟି ସମୟ ନଷ୍ଟ କରବ ନାହିଁ । କାରଣ କାହାର କିଛି ଲାଭ ହେଉ ନାହିଁ ।

(i) କିଏ କ'ଣ ସିଦ୍ଧାନ୍ତ ନେଲା ? [2]

(ii) ଏଭଳି ସିଦ୍ଧାନ୍ତର କାରଣ କ'ଣ ? [2]

(iii) କାହାର କେଉଁ ପରୀକ୍ଷାର ଫଳ ବାହାରିଲା ? ଅନ୍ୟମାନେ କେଉଁ ମନ୍ତବ୍ୟ ଦେଲେ ? [3]

(iv) ପିତୃ କାର୍ଯ୍ୟ ଓ ରାଜ କାର୍ଯ୍ୟରେ କେଉଁ ଫରକ ଥିଲା ? [3]

**Question 12**

Read the extract given below and answer in **Odia** the questions that follow:

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉ ର ଓଡ଼ିଆରେ ଲେଖ ।)

> ଆଖ ପାଖ ପା ଖଣ୍ଡ ଗାଁର ପେଣ୍ଠଜାଗା ଏଇ କା ନପୁର, ଏଇଠି ବର୍ଷକେ ଥରେ ଯାତ୍ରା ହୁଏ, ବଜାର ବସେ ଓ ଠାକୁରାଣୀଙ୍କ ପୂଜା କରାଯାଏ ଜାକଜମକରେ ।

(i) କା ନପୁର ଗ୍ରାମର ବିଶେଷତ୍ୱ କ'ଣ ? [2]

(ii) କାଶିଆ ଓ କପିଳା ର ବନ୍ଧୁତ୍ୱ କିପରି ଥିଲା ? [2]

(iii) ସେମାନେ ଖେଳ ଛୁଟିକୁ କିପରି ବ୍ୟତୀତ କରୁଥିଲେ ? [3]

(iv) କାଶିଆ ଜୀବନରେ କେଉଁ ଦୁର୍ଘଟଣା ଘଟିଲା ? [3]

**Question 13**

Read the extract given below and answer in **Odia** the questions that follow:

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉ ର ଓଡ଼ିଆରେ ଲେଖ ।)

> ସୁନ୍ଦର ଚିନ୍ତାଧାରା କଷ୍ଟକର ହୋଇପାରେ ହେଲେ ଅସମ୍ଭବ ନୁହେଁ । ମୁଁ ତୁମକୁ ଶକ୍ତିମତେ ସାହାଯ୍ୟ ସହଯୋଗ ଯୋଗାଇ ଦେବି, ହଉ, ତୁମେ ପଢ଼ ।

(i) ଉକ୍ତ ବକ୍ତବ୍ୟଟି କାହାର ? କାହାପ୍ରତି ଉଦ୍ଦିଷ୍ଟ ? [2]

(ii) ରିଡର୍ସ କ୍ଲବ୍ କିପରି ପ୍ରତିଷ୍ଠା ହେଲା ? [2]

(iii) କପିଳା ପ୍ରକାଶ କୁ କିପରି ସାହାଯ୍ୟ କଲା ? [3]

(iv) କପିଳା ର ଜେଜେ ଙ୍କ ବିଷୟରେ କ'ଣ ମନେ ପଡ଼ିଲା ? [3]

## ଏକାଙ୍କିକା ଚୟନ

## Ekakinka Chayan

**Question 14**

Read the extract given below and answer in **Odia** the questions that follow:

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉ  ର ଓଡ଼ିଆରେ ଲେଖ ।)

ସତୀ – ଇଉ ଫିଲ୍ ଅଫେଣ୍ଡେଡ୍. ନା ? ଦୁଃଖ କଲାଭଳି ଏଠି ତାର କ'ଣ ଥିଲା ? ବରଂ...

(ଆଖିରେ ଲୁହ) ଯା'ଯା' ଟୋକାଟାକୁ ବିଦା କରିଦେଇ ଆସ ।

ପ୍ରତିମା – ତୁମେ ?

ସତୀ – ମୁଁ ଆଉ କଅଣ ଯିବି ? ମୁଁ ତ ଏଇଠି ସେ କାମ ସାରିଦେଲି ।

ପ୍ରତିମା – ତମର କେଡ଼େ ପଥର ମନ ମ ?

ସତୀ – (ଟିକିଏ ହସି) ଯାଅ ଯାଅ । ବୁଢ଼ାର ଡେରି ହୋଇଯାଇଚି ।

(ରାଧୀର ପ୍ରବେଶ)

*ପେଟୁ - ପ୍ରାଣବନ୍ଧୁ କର*

*Petu – Pranabandhu Kar*

(i) ପ୍ରତିମା କେଉଁ କାରଣରୁ କାହିଁକି ଦୁଃଖିତ ଥିଲେ ? [2]

(ii) ସତୀକାନ୍ତ କ'ଣ ବୁଝାଇଲେ ? [2]

(iii) ବୁଢ଼ା କିଏ ? କୁଆଡ଼େ ଯାଉଥିଲା ? କାହିଁ କି ? [3]

(iv) ରାଧୀ କଣ୍ଢେଇ ବିଷୟରେ କାହାକୁ କ'ଣ କହିଲା ? କେଉଁଠୁ କଣ୍ଢେଇ ଅଣାଯାଇଥିଲା ? କାହାପାଇଁ ? [3]

**Question 15**

Read the extract given below and answer in **Odia** the questions that follow:

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ୁକର ଉ  ର ଓଡ଼ିଆରେ ଲେଖ ।)

ବିଶୁ - (ଦୀର୍ଘନିଃଶ୍ୱାସ - ନିକଟରେ କାହାର ପାଦଶବ୍ଦ....) କିଏ ? .... କିଏ ସେଠି ? (ବାଳକକୁଦେଖି)

କିଏ ରେ ପିଲା ? ତୁ ବି କଅଣ ବିଶୁ ମହାରଣାକୁ ଥଟ୍ଟା କରିବାକୁ ଆସିଚୁ ?

ଧରମା - ନା, ବାବା !

ବିଶୁ - ବାବା...., ଆଃ କି କଅଁଳ,କି ମଧୁର ତୋର ଡାକ ! ଡାକ ବାପ, ଆଉ ଥରେ ମୋତେ ସେଇ ବାବା ବୋଲି ଡାକ ।

ଧରମା - ବାବା !

*କୋଣାର୍କ – ଭଞ୍ଜକିଶୋର ପଟ୍ଟନାୟକ*

*Konark – Bhanja Kishor Pattanayak*

(i) ବିଶୁ ମହାରଣା କିଏ ? ତାଙ୍କୁ କିଏ କାହିଁକି ଥଟ୍ଟା କରୁଥିଲା ? [2]

(ii) ବାଳକକୁ ଦେଖି ତାଙ୍କର କାହା କଥା ମନେ ପଡ଼ିଲା ? କାହିଁକି ? [2]

(iii) ବାଳକଟି ବିଶୁ ମହାରଣାଙ୍କ ନିକଟକୁ ଆସି କେଉଁ ଅନୁମତି ମାଗିଲା ? [3]

(iv) ବଢ଼େଇ କୂଳ ବିଶୁ ମହାରଣାଙ୍କୁ କେଉଁ ପ୍ରଶ୍ନ କଲା ? କାହିଁକି ? [3]

**Question 16**

Read the extract given below and answer in **Odia** the questions that follow:

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉ ର ଓଡ଼ିଆରେ ଲେଖ ।)

ଓକିଲ – (ହାତରେ ଲିଫାପାଟିଏ ଧରି ବାହାରୁ ପ୍ରବେଶି ଏବଂ ସମସ୍ତଙ୍କୁ ଗମ୍ଭୀର ମୁଦ୍ରାରେ ଦେଖି ମା'ଙ୍କ ପ୍ରତି) କ୍ଷମା କରିବେ, ଭାଉଜ କଚେରି ରୁ ଆସୁ ଆସୁ ମୋର ଟିକେ ଡେରି ହୋଇଗଲା । ଭାଇ ଯେ ଏତେ ଜଲଦି ଏମିତି ଚାଲିଯିବେ, କେହି କ'ଣ କେବେ ଭାବିଥିଲା । ଗାଁଟା ସାରା କାହାରି ମନରେ ଟିକେ ସୁଖ ନାହିଁ । ସବୁରି ମୁହଁରେ ତାଙ୍କର ଚର୍ଚ୍ଚା....ତାଙ୍କରି ପ୍ରଶଂସା.... ।

ମା – ହଁ, ଆଜି ବସି ସବୁ ଭାବିଲା ବେଳକୁ ବହୁତ ଡେରି ହୋଇଗଲାଣି ।

*ଆହୁତି – କା ିକ ଚନ୍ଦ୍ର ରଥ*

*Ahuti – Kartik Chandra Rath*

(i) ଓକିଲ ମହାଶୟ କ୍ଷମା ମାଗିଥିଲେ କାହିଁକି ? [2]

(ii) ଭାଇ କିଏ ? ସବୁରି ମୁହଁରେ ତାଙ୍କ ପ୍ରଶଂସା କାହିଁକି ଥିଲା ? [2]

(iii) କେଉଁ କଥା ସମସ୍ତଙ୍କୁ ଗମ୍ଭୀର କରି ଦେଇଥିଲା ? [3]

(iv) ଲଫାପା ଭିତରେ କଅଣ ଥିଲା ? କେଉଁମାନେ କ'ଣ ଚିନ୍ତା କରିପାରିଲେ ନାହିଁ ? କିଏ କାହିଁକି କାନ୍ଦି ଉଠିଲେ ? [3]